# NATIONAL NEWS BULLETIN (ODIA)

**22 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଜଳ ସଂରକ୍ଷଣ ଓ ନିରନ୍ତର ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ଦେଶର ପ୍ରତିବଦ୍ଧତା ଉପରେ ଆଲୋକପାତ କଲେ ପ୍ରଧାନମନ୍ତ୍ରୀ

- ଜଳଶକ୍ତି ଅଭିଯାନ- ବର୍ଷା ଜଳ ସଂଗ୍ରହ ୨୦୨୫ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଜଳଶକ୍ତି ମନ୍ତ୍ରୀ

- ଆଞ୍ଚଳିକ ଶାନ୍ତି ଓ ନିରାପତ୍ତା ପାଇଁ ପାକିସ୍ତାନ ପଟୁ ସୀମାପାର ଆତଙ୍କବାଦ ସୃଷ୍ଟି କରୁଛି ପ୍ରତିବନ୍ଧକ ବୋଲି କହିଲେ ବୈଦେଶିକ ବ୍ୟାପାର ମୁଖପାତ୍ର

- ନାମ୍ବିଆର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଶପଥ ନେଲେ ନେତୁମ୍ବୋ ନନ୍ଦୀ ନନ୍ଦିତ୍ୱା

ଏବଂ

- ଆଜିଠୁ ଆରମ୍ଭ ହେଉଛି ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ

---

## ଜଳ ଦିବସ

ଜଳ ସମସ୍ୟା ସଂପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଜଳସଂପଦର ସ୍ଥାୟୀ ପରିଚାଳନା ଲକ୍ଷ୍ୟ ନେଇ ପ୍ରତ୍ୟେକବର୍ଷ ଆଜିର ଦିବସକୁ ବିଶ୍ୱ ଜଳ ଦିବସ ଭାବେ ପାଳନ କରାଯାଇଥାଏ । ଜଳସଂକଟର

ଆହ୍ୱାନର ମୁକାବିଲା ନେଇ ସଚେତନତା ସୃଷ୍ଟି କରିବା ଏବଂ ଜଳ ସଂରକ୍ଷଣ ନେଇ ପ୍ରୋତ୍ସାହନ ପ୍ରଦାନ କରିବା ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ଜଳ ଓ ପରିମଳକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ନିରନ୍ତର ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଗ୍ଲେସିୟର ସଂରକ୍ଷଣ ।** ମଧୁର ଜଳ ଯୋଗାଣକୁ ସୁସଂହତ କରିବାରେ ଗ୍ଲେସିୟରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ଗ୍ଲେସିୟର ସଂରକ୍ଷଣର ଆବଶ୍ୟକତା ଉପରେ ଚଳିତ ବର୍ଷର ବିଷୟବସ୍ତୁ ଗୁରୁତ୍ୱ ପ୍ରଦାନ କରୁଛି । ବ୍ରାଜିଲର ରିଓ ଡି ଜେନେରିଓ ଠାରେ ୧୯୯୨ ମସିହାରେ ଆୟୋଜିତ ବିଶ୍ୱ ଜଳ ଓ ବିକାଶ ସମ୍ମିଳନୀ ପରିପ୍ରେକ୍ଷୀରେ ଜାତିସଂଘ ଦ୍ୱାରା ବିଶ୍ୱ ଜଳଦିବସ ପାଳନର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ସମ୍ମିଳନୀରେ ମାର୍ଚ୍ଚ ୨୨ ତାରିଖକୁ ଆନୁଷ୍ଠାନିକ ଭାବେ ବିଶ୍ୱ ଜଳଦିବସ ଭାବେ ଘୋଷଣା କରାଯିବା ସଂକ୍ରାନ୍ତ ଏକ ସଂକଳ୍ପ ପାରିତ ହୋଇଥିଲା।

୧୯୯୩ ମସିହାରୁ ବିଶ୍ୱସ୍ତରରେ ଏହି ଦିବସ ପାଳିତ ହୋଇଆସୁଛି । ଜଳର ମହତ୍ତ୍ୱକୁ ଜାଣିବା ସହ ଜଳ ସଂରକ୍ଷଣର ଆବଶ୍ୟକତା ନେଇ ଜନସଚେତନତା ବୃଦ୍ଧି ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାରେ ଏହି ଦିବସ ପାଳନ ଏକ ମଞ୍ଚ ପ୍ରଦାନ କରିଥାଏ । ଏକ ଆକଳନ ଅନୁଯାୟୀ ୨୨୦ କୋଟି ଲୋକ ବିଶୁଦ୍ଧ ନିରାପଦ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି ।

ଜଳ ସଂରକ୍ଷଣ ସଂପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ହରିଆଣାର ପଞ୍ଚକୁଲା ଠାରେ ଜଳଶକ୍ତି ଅଭିଯାନ 'ବର୍ଷା ଜଳ ସଂଗ୍ରହ ୨୦୨୫ର ଶୁଭାରମ୍ଭ ହେବାର

କାର୍ଯ୍ୟସୂଚୀ ସ୍ଥିର ହୋଇଛି । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ହରିଆଣା ସରକାରଙ୍କ ସହଯୋଗରେ ଏହି ଅଭିଯାନ ଆରମ୍ଭ କରାଯାଇଛି । ଜଳ ସଂରକ୍ଷଣ ପାଇଁ ପ୍ରତ୍ୟେକ ଜଳବିନ୍ଦୁର ଆବଶ୍ୟକତା ଉପରେ ଏହି ପଦକ୍ଷେପ ଗୁରୁତ୍ୱ ପ୍ରଦାନ କରିଥାଏ ।

ଏହି ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଳ ସଂରକ୍ଷଣ ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ଦେଶର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜଳ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସଭ୍ୟତାର ଜୀବନରେଖା ହେଉଛି ଜଳ । ଭବିଷ୍ୟତ ପିଢ଼ିଙ୍କ ପାଇଁ ଜଳ ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

**V/O**

---

# ଜଳଦିବସ-୨

ବିଶ୍ୱ ଜଳଦିବସ ଅବସରରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ ହରିଆଣାର ପଞ୍ଚକୁଲାର ତାଉଦେବୀ ଲାଲ ଷ୍ଟାଡିୟମରେ ଜଳଶକ୍ତି ଅଭିଯାନ ବର୍ଷାଜଳ ସଂରକ୍ଷଣ ୨୦୨୫ ର ଶୁଭାରମ୍ଭ କରିଛନ୍ତି । ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି, ହରିଆଣାର ବିଭାଗୀୟ ମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ଥିଲେ । ଜଳଶକ୍ତି ମନ୍ତ୍ରଣାଳୟ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ହରିଆଣା ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି । ଜଳ ସଂରକ୍ଷଣ, ଭୂତଳ ଜଳ ପୁନରୁଦ୍ଧାର ଉପରେ ଏହି ଅଭିଯାନ ଗୁରୁତ୍ୱ ପ୍ରଦାନ କରୁଛି । ଦେଶର ୧୪୮ଟି ଜିଲ୍ଲା ଏହି ଅଭିଯାନରେ ସାମିଲ ହୋଇଛନ୍ତି । ଏହି ଅବସରରେ

ଜଳ-ଜଙ୍ଗଲ-ଜନ : ଏକ ପ୍ରକୃତି ବନ୍ଧନ ଅଭିଯାନର ମଧ୍ୟ ଶ୍ରୀ ପାଟିଲ ଶୁଭାରମ୍ଭ କରିଛନ୍ତି । ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକୁ ମନ୍ତ୍ରୀ ଶ୍ରୀ ପାଟିଲ ପୁରସ୍କୃତ କରିଥିଲେ ।

---

# ଆର୍ଥ ଆୱାର ଅଭିଯାନ

ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଏବଂ ଶକ୍ତି ସଂଚୟକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଆର୍ଥ ଆୱାର ଅଭିଯାନ ପାଳନ କରାଯାଉଛି । ବିଶ୍ୱ ପାଇଁ ଶକ୍ତି ସଂରକ୍ଷଣର ଗୁରୁତ୍ୱକୁ ଦର୍ଶାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ମାସରେ ଏହି ଆର୍ଥ ଆୱାର ଅଭିଯାନ ପାଳନ କରାଯାଇଥାଏ । ଆଜି ରାତି ସାଢ଼େ ୮ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ  ଏହି ଅଭିଯାନ ପାଳନ କରାଯିବ । ପରିବେଶ ଏବଂ ଶକ୍ତି କ୍ଷେତ୍ରରେ ପ୍ରତିବଦ୍ଧତାର ପ୍ରଦର୍ଶନ ସ୍ୱରୂପ ଆଜି ଅଣଅତ୍ୟାବଶ୍ୟକ ଶକ୍ତି ଉତ୍ସଗୁଡ଼ିକୁ ଏହି  ଏକଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଛି । ଏହି ଐତିହାସିକ କାର୍ଯ୍ୟକ୍ରମରେ ଦେଶର ସମସ୍ତ ସରକାରୀ, ବେସରକାରୀ ପ୍ରତିଷ୍ଠାନ, ବ୍ୟବସାୟ ଏବଂ ବ୍ୟକ୍ତିବିଶେଷ ଅଂଶ ଗ୍ରହଣ କରିଥାନ୍ତି । ୨୦୦୭ ମସିହାରେ ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ପ୍ରଥମଥର ପାଇଁ ଏହି ଅଭିଯାନ ପାଳନ କରାଯାଇଥିଲା ।

---

# ଏମ୍‌ଇଏ ପାକିସ୍ତାନ

ସୀମାପାର ଆତଙ୍କବାଦକୁ ପାକିସ୍ତାନର ପ୍ରୋତ୍ସାହନ ଆଞ୍ଚଳିକ ଶାନ୍ତି ଏବଂ ନିରାପତ୍ତା ପାଇଁ ବଡ଼ ପ୍ରତିବନ୍ଧକ ସୃଷ୍ଟି କରୁଛି । ନୂଆଦିଲ୍ଲୀଠାରେ ଗତ ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର

ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଆତଙ୍କବାଦକୁ ପାକିସ୍ତାନର ସକ୍ରିୟ ପ୍ରୋତ୍ସାହନ ସଂପର୍କରେ ବିଶ୍ୱ ଅବଗତ ରହିଛି । ଉଗ୍ରବାଦର ପ୍ରଚାରକ ତଥା ପଳାତକ ଜାକୀର ନାୟକଙ୍କ ପାକିସ୍ତାନରେ ଉପସ୍ଥିତି ଏବଂ ସେଠାକାର ଶୀର୍ଷ ନେତାଙ୍କ ସହ ତା'ର ସାକ୍ଷାତ ପ୍ରସଙ୍ଗରେ ଶ୍ରୀ ଜୟସ୍ୱାଲ କହିଛନ୍ତି ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଏଥିରୁ ସ୍ପଷ୍ଟ ହେଉଛି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଆମେରିକାର ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଳସୀ ଗବାଡ଼ଙ୍କ ମଧ୍ୟରେ ଆଲୋଚନା ବୈଠକ ସଂପର୍କରେ ମତ ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି ସୁରକ୍ଷା ଏବଂ ପ୍ରତିରକ୍ଷା ସହଯୋଗ ନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ରୁଷ -ୟୁକ୍ରେନ୍ ସଂଘର୍ଷ ପ୍ରସଙ୍ଗରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ବିବାଦର ସ୍ଥାୟୀ ସମାଧାନ ସମ୍ଭବ । ଉଭୟ ପକ୍ଷଙ୍କ ମଧ୍ୟରେ ଆନ୍ତରିକ ତଥା ବ୍ୟାବହାରିକ ଯୋଗାଯୋଗ ନେଇ ଭାରତ ସର୍ବଦା ସମର୍ଥନ କରିଆସିଛି ।

ଭାରତ-ୟୁରୋପୀୟ ସଂଘ ସହଯୋଗ ସଂପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି ପ୍ରତିରକ୍ଷା କ୍ଷେତ୍ରରେ ୟୁରୋପୀୟ ସଂଘର ସହଯୋଗ ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ଭାଗିଦାରିତା ଆହୁରି ବ୍ୟାପକ ହେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଭାରତ ନିଜର ପ୍ରତିରକ୍ଷା ରପ୍ତାନୀକୁ ପ୍ରୋତ୍ସାହନ ପ୍ରଦାନ କରୁଛି ଏବଂ ୟୁରୋପୀୟ ସଂଘ ତଥା ଅନ୍ୟାନ୍ୟ ଦେଶ ଏ ଦିଗରେ ସହଯୋଗ ପ୍ରଦାନ କରିବା ନେଇ ସେ ଆଶା ବ୍ୟକ୍ତ କରିଛନ୍ତି ।

............................................................

# ନାମ୍ବିଆ ରାଷ୍ଟ୍ରପତି

ନାମ୍ବିଆର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ନେତୁମ୍ବୋ ନନ୍ଦୀ ନଦିତ୍ୱା ଶପଥ ଗ୍ରହଣ କରିଛନ୍ତି । ଗତବର୍ଷ ନଭେମ୍ବର ମାସରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ୭୨ ବର୍ଷୀୟା ନେତା ୫୮ ପ୍ରତିଶତ ଭୋଟ୍ ପାଇ  ବିଜୟୀ ହୋଇଥିଲେ । ୨୦୨୪ ମସିହା ଫେବୃୟାରୀ ମାସରେ ରାଷ୍ଟ୍ରପତି ହାଗେ ଗେଗୋବଙ୍କ ପରଲୋକ ପରେ  ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିବା ନାଙ୍ଗଲୋ ମୋବମ୍ବାଙ୍କ ଉତ୍ତରାଧିକାରୀ ଭାବେ ନନ୍ଦୀ ନନ୍ଦୀତ୍ୱା  ରାଷ୍ଟ୍ରପତି ସ୍ଥାନ ନେଇଛନ୍ତି ।  ନନ୍ଦୀ ନନ୍ଦୀତ୍ୱା ୧୯୯୦ ମସିହାରୁ ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ  ଏବଂ ଉପରାଷ୍ଟ୍ରପତି ନିଯୁକ୍ତି ହେବା ପୂର୍ବରୁ ସେ ନାମ୍ବିଆର ବୈଦେଶିକ ମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ ।

---

# ବିହାର ପ୍ରତିଷ୍ଠା ଦିବସ

ବିହାର ଆଜି ୧୧୩ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୧୨ ମସିହା ମାର୍ଚ୍ଚ ମାସ ୨୨ ତାରିଖରେ ବ୍ରିଟିଶ ସରକାରଙ୍କ ଶାସନ ସମୟରେ ବଙ୍ଗଳା ଶାସନରୁ ସ୍ୱତନ୍ତ୍ର ହୋଇ ବିହାର ରାଜ୍ୟ ଗଠନ କରାଯାଇଥିଲା । ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୨୨ ତାରିଖରେ ବିହାର ପ୍ରତିଷ୍ଠା ଦିବସ ପାଳନ କରାଯାଇ ଆସୁଛି । ରାଜ୍ୟର ପ୍ରଗତି ଏବଂ ଭବିଷ୍ୟତର ସମ୍ଭାବନା ଉପରେ ଆଲୋକପାତ କରିବା ଲକ୍ଷ୍ୟ ନେଇ ଚଳିତବର୍ଷ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉନ୍ନତ ବିହାର, ବିକଶିତ ବିହାର ସ୍ଲୋଗାନ ଆଧାରରେ ଏହିସବୁ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ମୁଖ୍ୟ କାର୍ଯ୍ୟକ୍ରମ ପାଟନାର ଗାନ୍ଧୀ ମଇଦାନଠାରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏହି ୩ ଦିନିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ  ବିଭିନ୍ନ

ସରକାରୀ ବିଭାଗ ପକ୍ଷରୁ ପ୍ରସ୍ତୁତ ପ୍ରଦର୍ଶନୀ ମଣ୍ଡପଗୁଡ଼ିକୁ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

## ଆଇପିଏଲ୍

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ଅଷ୍ଟାଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ଆକର୍ଷଣୀୟ ଉଦ୍‌ଘାଟନୀ ସମାରୋହ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ । ଏଥିରେ ଚଳଚ୍ଚିତ୍ର ଜଗତର ଅଭିନେତା, ଅଭିନେତ୍ରୀ ଓ କଣ୍ଠଶିଳ୍ପୀମାନେ ଅଂଶ ଗ୍ରହଣ କରିବେ । କୋଲକାତାଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବ । ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୦ଟି ଦଳ ଭାଗ ନେଉଛନ୍ତି । ଏହାର ଫାଇନାଲ୍ ମ୍ୟାଚ୍ ମେ ମାସ ୨୫ ତାରିଖ ରବିବାର ଦିନ କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଅନୁଷ୍ଠିତ ହେବ ।

## ପାଣିପାଗ

ଦେଶର ପୂର୍ବ ଏବଂ ଉତ୍ତର ପୂର୍ବାଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ବଜ୍ରପାତ ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗ କହିଛି ଏହି ସମୟ ମଧ୍ୟରେ ଦକ୍ଷିଣ ଦ୍ୱୀପପୁଞ୍ଜରେ ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆଜି ଓଡ଼ିଶା ସମେତ ମଧ୍ୟପ୍ରଦେଶ, ଛତିଶଗଡ଼, କେନ୍ଦ୍ରୀୟ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ସିକିମ୍, ବିହାର ସମେତ ଝାଡ଼ଖଣ୍ଡରେ  ବଜ୍ରପାତ ସହ ପ୍ରବଳ ବର୍ଷା ହେଉଛି ।